# ODM PUBLIC SCHOOL

ODM EDUCATIONAL GROUP
Changing your Tomorrow

**SESSION :** ୦୩
**CLASS :** ଚତୁର୍ଥ ଶ୍ରେଣୀ
**SUBJECT :** ଓଡ଼ିଆ
**TOPIC :** ସେମାନେ ଆମ ଭାଇ ଭଉଣୀ
**SUB TOPIC :** ବିଷୟ ବ୍ୟାଖ୍ୟା ଓ କଠିନ ଶବ୍ଦ

# ଶୈକ୍ଷିକ ଉଦ୍ଦେଶ୍ୟ

ଆଲୋଚନା ମାଧ୍ୟମ ରେ ଓଡିଶା ର ବିଭିନ୍ନ ଜନଜାତିଙ୍କ ବିଷୟ ରେ ଜ୍ଞାନ ଆହରଣ କରିବା


ଓଡିଶା ର ଜନଜାତି

# ସେମାନେ ଆମ ଭାଇ ଭଉଣୀ

ODM EDUCATIONAL GROUP
Changing your Tomorrow

ଆଗେ ବଣ୍ଡା ପାହାଡ଼ ଉପରକୁ ଯିବାପାଇଁ ରାସ୍ତା ନ ଥିଲା । ଲୋକମାନେ ପାଦରେ ଚଢ଼ିଚଢ଼ି ଉପରକୁ ଉଠୁଥିଲେ । ଏବେ ପାହାଡ଼ କଟାଯାଇ ରାସ୍ତା ତିଆରି ହେଲାଣି । ଗାଡ଼ି ମଟର ଗଲାଣି । ଜିପ୍‌ରେ ବସି ପାହାଡ଼ ଉପରକୁ ଉଠିବାବେଳେ ମନେହେବ ତୁମେ ଯେମିତି ଉଡ଼ାଜାହାଜରେ ବସିଛ । ତଳକୁ ଚାହିଁଲେ ଆଖି ପାଇବ ନାହିଁ । ଭାବିବ ବଣ୍ଡା ଗାଁ ଗୁଡ଼ାକ କ'ଣ ଆକାଶରେ ଝୁଲୁ ଥାଏ କି ? ତୀଖ ପାହାଡ଼ ଉପରକୁ ଉଠିବା ବାଟରେ ଦୁଇପଟେ ଦେଖିବ ବଡ଼ବଡ଼ ଶାଳ, ପିଆଶାଳ, ଶିଶୁ, ଶାଗୁଆନ, ଅର୍ଜୁନ, ସୁମରି, ଚନ୍ଦନ, କଇଆଁ, ଆମ୍ବ, ପଣସ, କଇଥ, ଏମିତି କେତେ ଜାତିର ଗଛ । ଶିଆଳିଲଟା ଗେହ୍ଲାରେ ଲଟେଇ ଯାଇଥିବ ଏ ଗଛରୁ ସେ ଗଛକୁ । ମଣିଷ ହାତର ପାପୁଲି ଭଳି ଟକାଟକା ପତର ମେଲି ତମକୁ କ'ଣ ଯେମିତି ମାଗୁଥିବ । ସେ ବୋଧେ ମଇତର ବସିବା ପାଇଁ ଚାହୁଁଥିବ । ଗଛ କ'ଣ ଆମରି ବନ୍ଧୁ ନୁହେଁ ? ତା' ସାଙ୍ଗରେ ମଇତର ବସିଲେ କ୍ଷତି କ'ଣ ?




# କଠିନ ଶବ୍ଦ

ଆଖି ପାଇବ ନାହିଁ » ଦେଖା ଯିବ ନାହିଁ 

ଲଟେଇ ଯାଇଥିବ » ମାଡି ଯାଇଥିବ 

ମେଲି » ଖୋଲି 

ମଇତର » ମିତ୍ର ବା ବନ୍ଧୁ 

# ସେମାନେ ଆମ ଭାଇ ଭଉଣୀ

ODM EDUCATIONAL GROUP
Changing your Tomorrow

ପାହାଡ଼କଟା ରାସ୍ତାରେ ଉପରକୁ ଉଠିବାବେଳେ ଭାରି ଭୟ ଲାଗିବ; କିନ୍ତୁ ସେଇ ବଣ ରାଇଜର ଅପୂର୍ବ ଶୋଭା ଦେଖିଲେ ମନରୁ ଭୟ କେଉଁଆଡ଼େ ଉଭେଇ ଯିବ । ସବା ଉପରେ ପହଞ୍ଚିଲେ ଦେଖିବ ଏଠି ସେଠି ପ୍ରାୟ ୩୦ଟି ବଣ୍ଡା ଗାଁ । ଗାଁ ଗୁଡ଼ିକ ଛୋଟ ଛୋଟ । ପ୍ରତି ଗାଁରେ ଖୁବ୍ ବେଶୀରେ ପଚିଶି ତିରିଶଟି ଲେଖାଁ ଝାଟିମାଟି କାନ୍ଥର ଘର । ସେଗୁଡ଼ିକ ପିରିଘାସରେ ଛପର ହୋଇଛି ।

ବଣ୍ଡା ଭାଇଭଉଣୀମାନେ ଭାରି ସରଳ ଓ ସ୍ନେହୀ । ସେମାନେ ମିଛ କହନ୍ତି ନାହିଁ । ପର ଜିନିଷରେ ଲୋଭ କରନ୍ତି ନାହିଁ । ଆମେ ତାଙ୍କ ସାଙ୍ଗରେ ମିଶି ପାରିଲେ ସେମାନେ ଡାକନ୍ତି 'ମଇତର । ଚାଲ ବଣ୍ଡା ପାହାଡ଼କୁ ଯିବା । ଆମକୁ ଦେଖି ସେମାନେ ବହୁତ ଖୁସି ହେବେ । ଖାଇବାପାଇଁ ବଣର ଫଳମୂଳ ଆଣି ଥୋଇଦେବେ । ସେଠାକୁ ଥରେ ଗଲେ ମନହେବ ନାହିଁ ଫେରିବାକୁ ।



# କଠିନ ଶବ୍ଦ



ଅଳସି — ଏକ ପ୍ରକାର ତୈଳ ବୀଜ ଗଛ



ଝାଟି ମାଟି — କଚ୍ଚା ଘର



ଛପର — ଘର ର ଛାତ



ରାଇଜ — ରାଜ୍ୟ



ଅପୂର୍ବ ଶୋଭା — ଖୁବ ସୁନ୍ଦର

# ଲବ୍ଧଜ୍ଞାନ ର ଫଳାଫଳ

## ଜନଜାତି ଙ୍କ ବିଷୟ ରେ ଜ୍ଞାନ ହାସଲ କରିବା

ODM EDUCATIONAL GROUP
Changing your Tomorrow



# ଗୃହ କାର୍ଯ୍ୟ

କଠିନ ଶବ୍ଦ ମନେ ରଖିବା ସହିତ, ବିଭିନ୍ନ ଜନଜାତି ବ୍ୟବହାର କରୁଥିବା କିଛି ଶବ୍ଦ ବହିରୁ ବାଛି ଲେଖ

ODM EDUCATIONAL GROUP
Changing your Tomorrow

# THANKING YOU

# ODM EDUCATIONAL GROUP